**କୋଭିଡ୍ ଶହୀଦ ପରିବାରଙ୍କୁ ସହାୟତା ନେଇ ରାଜ୍ୟ ସରକାରଙ୍କୁ ଭାଜପାର ଟାର୍ଗେଟ**

ଭୁବନେଶ୍ୱର, (ବ୍ୟୁରୋ):କୋଭିଡ୍ ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ଫେଲ୍। ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଉଛି। କୋଭିଡ୍ ମୃତ୍ୟୁ ସଂଖ୍ୟା ଲୁଚାଇ କମ୍ ମୃତ୍ୟୁ ହେଉଛି ବୋଲି ସରକାର ଦର୍ଶାଉଛନ୍ତି। ଏଭଳି ସଙ୍କଟ ସମୟରେ କୋଭିଡ୍ ପରିଚାଳନାକୁ ଠିକ୍ ଢଙ୍ଗରେ ନ କରି ରାଜନୈତିକ ଡ୍ରାମା କରିବା ଦୁର୍ଭାଗ୍ୟଜନକ ବୋଲି ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ସମାଲୋଚନା କରିଛନ୍ତି।

## ସଂକ୍ଷେପରେ

### ସ୍ୱଚ୍ଛ ପୁରୀ ପ୍ରତିଯୋଗିତା ଶ୍ରେୟାଂଶ ଓ ପ୍ରମୋଦ ବିଜେତା

**ପୁରୀ ଅଫିସ,୯।୧୦:** ସ୍ୱଚ୍ଛ ପୁରୀ ଗଠନ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପୌରପାଳିକା ପକ୍ଷରୁ ଲୋଗୋ ଓ ଟ୍ୟାଗ୍‌ଲାଇନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୧୬ରୁ ୨୯ ପର୍ଯ୍ୟନ୍ତ ଅନ୍‌ଲାଇନରେ ଏହି ପ୍ରତିଯୋଗିତା ହୋଇଥିଲା। ଏଥିରେ ମୋଟ ୧୨,୭୩୭ ପ୍ରବେଶିକା ମିଳିଥିଲା। ଯେଉଁଥିରେ ୬,୩୦୯ ଲୋଗୋ ପାଇଁ ଏବଂ ବଳକା ଟ୍ୟାଗ୍‌ଲାଇନର ରହିଥିଲା। ବିଜେତାଙ୍କ ନାମ ଶୁକ୍ରବାର ଘୋଷଣା କରାଯାଇଛି। ଲୋଗୋରେ ୯ ନଂ. ୱାର୍ଡ ଖୁଣ୍ଟିଆ ସାହିର ଶ୍ରେୟାଂଶ ଏବଂ ଟ୍ୟାଗ୍‌ଲାଇନରେ ୩୧ ନଂ. ୱାର୍ଡ ପେଣ୍ଠକଟା ଭୁଦାନ ନଗରର ପ୍ରମୋଦ ଚନ୍ଦ୍ର ସ୍ୱାଇଁ ବିଜେତା ହୋଇଛନ୍ତି। ଉଭୟଙ୍କୁ ୧୦ ହଜାର ଟଙ୍କା ଲେଖାଏ ପୁରସ୍କାର ଦିଆଯିବ। ଏଥିସହ ବିଭିନ୍ନ ୱାର୍ଡରୁ ଶ୍ରେଷ୍ଠ ୧୮୧ ଜଣ ପ୍ରତିଯୋଗୀଙ୍କୁ ପ୍ରତ୍ୟେକ ୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

### ଥଇଥାନ ପୂର୍ବରୁ ଜମି ଅଧିଗ୍ରହଣକୁ ବିରୋଧ

**ପୁରୀ ଅଫିସ,୯।୧୦:** ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ସୁରକ୍ଷା ବଳୟ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ତେବେ ପ୍ରଭାବିତଙ୍କୁ ଥଇଥାନ ପୂର୍ବରୁ ଜମି ଅଧିଗ୍ରହଣକୁ ଭାଜପା ବିରୋଧ କରିଛି। ଶୁକ୍ରବାର ବଗଲା ଧର୍ମଶାଳାଠାରୁ ଭାଜପା କର୍ମକର୍ତ୍ତାମାନେ ଧାରଣା ଦେବାକୁ ଶୋଭାଯାତ୍ରାରେ ଜନଶୁଣାଣିସ୍ଥଳ ନୀଳାଦ୍ରି ଭକ୍ତନିବାସ ଆଡ଼କୁ ଯାଉଥିଲେ। ପୋଲିସ ସେମାନଙ୍କୁ ମାର୍କେଟ ଛକଠାରେ ଅଟକାଇଥିଲା। ମାତ୍ର ସେମାନେ ଆଗକୁ ଯିବାକୁ ଉଦ୍ୟତ ହେବାରୁ ପୋଲିସ ସମସ୍ତଙ୍କୁ ଧରି ନେଇ ତାଳବଣିଆ ଥାନାରେ ଅଟକ ରଖି ପରେ ଛାଡ଼ିଥିଲା। ଭାଜପାର ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ସଞ୍ଜୀବ ମୁଖାର୍ଜୀ, ଜୟନ୍ତ ଦାଶ, ଉମାକାନ୍ତ ନାୟକ, ଜିତୁ ମହାନ୍ତି, ଅନିତା ପଟ୍ଟନାୟକ ପ୍ରମୁଖ ଏଥିରେ ସାମିଲ ଥିଲେ।

### ଭକ୍ତଙ୍କୁ ଅରୁଣ ସ୍ତମ୍ଭ ପର୍ଯ୍ୟନ୍ତ ଛଡ଼ାଯାଉ

**ପୁରୀ ଅଫିସ, ୯।୧୦:** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରାୟ ୭ମାସ ହେବ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି। ଏପରି କି ପତିପାବନଙ୍କ ଦର୍ଶନ ପାଇଁ ମଧ ଶ୍ରଦ୍ଧାଳୁଙ୍କୁ ଅରୁଣ ସ୍ତମ୍ଭ ପାଖକୁ ଛଡ଼ାଯାଉ ନାହିଁ। ଫଳରେ ରାଧାବଲ୍ଲଭ ମଠ ନିକଟରୁ ପ୍ରାୟ ୧୦୦ ମିଟର ଦୂରରେ ଠିଆହୋଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପ ଜାଳୁଛନ୍ତି ଭକ୍ତ। ମାତ୍ର ନେତା, ମନ୍ତ୍ରୀ ଏବଂ ଭିଆଇପିଙ୍କ ପାଇଁ ସବୁକିଛି ମାଫ୍। ସେମାନେ ସିଂହଦ୍ୱାର ସମ୍ମୁଖକୁ ଯାଉଥିବା ବେଳେ ଅରୁଣ ସ୍ତମ୍ଭକୁ ବି ଛୁଇଁପାରୁଛନ୍ତି। ଏଭଳି ଅଭିଯୋଗ ଆଣି ପକ୍ଷପାତିତାକୁ ବିରୋଧ କରିଛି ଶ୍ରୀଜଗନ୍ନାଥ ସେନା। ଭଲ ଭାବେ ପତିତପାବନଙ୍କ ଦର୍ଶନ ଲାଗି ଭକ୍ତମାନଙ୍କୁ ବି ଅରୁଣ ସ୍ତମ୍ଭ ପର୍ଯ୍ୟନ୍ତ ଛଡ଼ାଯାଉ ବୋଲି ସେନା ଦାବି କରିଛି। ଏ ନେଇ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି।

### ଠକେଇ: ୨ବିଲ୍ଡର ଗିରଫ

**କଟକ ଅଫିସ, ୯।୧୦:** ଜମି ଦେବା ନାଁରେ ଠକେଇ ଅଭିଯୋଗରେ ବାଦାମବାଡ଼ି ଥାନା ପୋଲିସ ୨ ବିଲ୍ଡରଙ୍କୁ ଗିରଫ କରିଛି। ସେମାନେ ହେଲେ ଚିତ୍ତରଞ୍ଜନ ଲେଙ୍କା ଏବଂ ଯତୀନ୍ଦ୍ରନାଥ ମହାପାତ୍ର। ଏ ନେଇ କେସ୍ ନଂ. ୧୯୩/୨୦ ରୁଜୁ ସହ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଟ୍ରେନ୍ ଧକ୍କାରେ ରେଲୱେ ଇଞ୍ଜିନିୟରଙ୍କ ମୃତ୍ୟୁ

**ଡେଙ୍କିକୋଟ, ୯।୧୦(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଡେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଇଷ୍ଟକୋଷ୍ଟ ରେଲୱେ ସିତାବିଞ୍ଜି ନିକଟସ୍ଥ ମହୁଲଗାଡିହା ଗ୍ରାମ ନିକଟରେ ଶୁକ୍ରବାର ଟ୍ରେନ ଧକ୍କାରେ ରେଲୱେ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଫୁଲକଅଁଳେଇ ବାଉଟିଆପଦା ଗ୍ରାମର ଶାନ୍ତନୁ ଦାସ। ସେ ବସନ୍ତପୁର ସେକ୍ସନରେ ସିତାବିଞ୍ଜି ରେଲୱେ ଷ୍ଟେସନଠାରୁ ୨ କି.ମି ଦୂର ମହୁଲଗାଡ଼ିଆ ଗ୍ରାମ ନିକଟ ଦେଇ ଯାଉଥିବା ରେଳଧାରଣାରେ କିମ୍ୟାନଙ୍କ କାର୍ଯ୍ୟ ତଦାରଖ କରୁଥିଲେ। ଇଞ୍ଜିନିୟର ଶାନ୍ତନୁ ରେଳ କାମ ଦେଖୁଥିବା ବେଳେ ଯୋଡ଼ା ଅଞ୍ଚଳରୁ ଲୁହାପଥର ବୋଝେଇ ଟ୍ରେନ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା।

# ପ୍ରଭାବିତଙ୍କ କଥା ଶୁଣିଲେ ଅଧିକାରୀ

**ପୁରୀ ଅଫିସ, ୯।୧୦**

**ଐତିହ୍ୟ କରିଡର ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି**


ନିଳାଦ୍ରୀ ଭକ୍ତ ନିବାସରେ ଜନଶୁଣାଣି ଚାଲିଛି।

ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ୭୫ ମିଟର ଐତିହ୍ୟ କରଡର ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଶୁକ୍ରବାର ନୀଳାଦ୍ରି ଭକ୍ତ ନିବାସରେ ଜନଶୁଣାଣି ଅନୁଷ୍ଠିତ ହୋଇଛି। ୨୦୧୩ ଭୂମି ଅଧିଗ୍ରହଣ ଆଇନ ଧାରା ୫ ତଥା ୨୦୧୬ ଓଡ଼ିଶା ଅଧିନିୟମ ୧୪ ଅନୁଯାୟୀ ଏହି ଜନଶୁଣାଣି କରାଯାଇଛି। ବିସ୍ଥାପିତ ହେବାକୁ ଥିବା ପ୍ଲଟ ମାଲିକ ଏଥିରେ ଉପସ୍ଥିତ ରହି ଜମି ଅଧିଗ୍ରହଣ ଏବଂ ସାମାଜିକ ପ୍ରଭାବ ବିବରଣୀ ଉପରେ ମତାମତ ଦେଇଛନ୍ତି। ବାସେଳି ସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି, ଦୋଳମଣ୍ଡପ ସାହି ଓ ଚୁଡ଼ଙ୍ଗ ସାହି ଏହି ୫ ମୌଜାର ପ୍ରଭାବିତ ୭ଟି ୱାର୍ଡ (୨, ୩, ୪, ୯, ୧୨, ୧୫ ଓ ୧୭) ବାସୀଙ୍କ କଥା ଶୁଣିଛନ୍ତି ପ୍ରଶାସନିକ ଅଧିକାରୀ। ଦୁଇଟି ପର୍ଯ୍ୟାୟରେ ସକାଳ ସାଢେ ୯ଟାରୁ ଅପରାହ୍ନ ସାଢେ ୫ଟା ପର୍ଯ୍ୟନ୍ତ ଶୁଣାଣି ଚାଲିଥିଲା। ତେବେ ପୂର୍ବରୁ ଜନଶୁଣାଣି ନ କରି ବର୍ତ୍ତମାନ କୋଭିଡ୍ ସମୟରେ କରାଯାଇଥିବାରୁ କେତେଜଣ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନିରାପତ୍ତା ବଳୟର ଉନ୍ନତୀକରଣ ପାଇଁ ଉପରୋକ୍ତ ୫ଟି ମୌଜାର ମୋଟ ୧୫.୬୫୧ ଏକର ଜମି ଅଧିଗ୍ରହଣ କରାଯିବ। ଏଥିରେ ସରକାରୀ, ବେସରକାରୀ ଓ ମହାପ୍ରଭୁଙ୍କ ନାମରେ ୩୭୩ ପ୍ଲଟ ରହିଛି। ଏହାମଧ୍ୟରେ ୭୦ଟି ସରକାରୀ, ୧୯୨ଟି ବେସରକାରୀ ଏବଂ ୧୧୧ଟି ଜଗନ୍ନାଥଙ୍କ ପ୍ଲଟ ଅଛି। ଏଥିମଧ୍ୟରୁ ମଧ୍ୟରୁ ୩୩୧ଟି ପ୍ଲଟର ଜମି ଅଧିଗ୍ରହଣ ସରିଛି। ସରକାରୀ ଏବଂ ଜଗନ୍ନାଥଙ୍କ ସମସ୍ତ ପ୍ଲଟ୍ ଅଧିଗ୍ରହଣ ସରିଥିବାବେଳେ ବେସରକାରୀ ୧୯୨ଟି ପ୍ଲଟ୍ ମଧ୍ୟରୁ ୧୫୦ଟିକୁ ଅଧିଗ୍ରହଣ କରାଯାଇଛି। ବଳକା ୪୨ଟି ପ୍ଲଟ୍ (ବାସେଳି ସାହିର ୩୩, ମଣିକର୍ଣ୍ଣିକା ସାହିର ୫, ଚୁଡ଼ଙ୍ଗ ସାହିର ୩ ଓ ଦୋଳମଣ୍ଡପ ସାହିର ଗୋଟିଏ )ର ୧ ଏକର ୨୨ ଡେସିମିଲ ଜମି ଅଧିଗ୍ରହଣ ପାଇଁ ଏହି ଜନଶୁଣାଣି କରାଯାଇଥିଲା। ବିସ୍ଥାପିତ ହେବାକୁ ଥିବା ଏହି ପ୍ଲଟ୍‌ର ଅଧିକାଂଶ ମାଲିକ ଜନଶୁଣାଣିରେ ଯୋଗଦେଇ ନିଜ ସମସ୍ୟା, ସାମାଜିକ ପ୍ରଭାବ ଓ ସୁରକ୍ଷା ବଳୟ ସମ୍ପର୍କରେ ପ୍ରସ୍ତାବ ରଖିଥିଲେ। ଏଥିରେ ମୋଟ ୧୧୩ ଜଣ ବ୍ୟକ୍ତି ଯୋଗଦେଇଥିଲେ।

ପ୍ରଥମେ ବାସେଳି ସାହି ୱାର୍ଡ ନଂ. ୨ ଏବଂ ପରେ ଅନ୍ୟ ମୌଜାଗୁଡ଼ିକର ଜନଶୁଣାଣି ହୋଇଥିଲା। ଏଥିରେ ଯୋଗଦେଇ ପାରି ନ ଥିବା ଜମି ମାଲିକଙ୍କ ପାଇଁ ସନ୍ଧ୍ୟାରେ ଭର୍ଚୁଆଲ ଜନଶୁଣାଣି ବ୍ୟବସ୍ଥା ହୋଇଥିଲା। ଏଥିରେ ପୂର୍ବରୁ ସରକାରଙ୍କୁ ଜମି ଦେଇଥିବା ଏବଂ ଆଗକୁ ବିସ୍ଥାପିତ ହେବାକୁ ଥିବା ଲୋକେ ଯୋଗଦେଇଥିଲେ। ଜମି ଅଧିଗ୍ରହଣର ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ପ୍ରକଳ୍ପର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ପରିବେଶଗତ ଲାଭ ଓ କ୍ଷତି ସମ୍ପର୍କରେ ମଧ୍ୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା।

ଏଥିରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ (ପୁନର୍ବାସ ଓ ପୁନଃ ଥଇଥାନ), ଭୂଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ରାଜସ୍ୱ ଉପପ୍ରଶାସକ ସୁବ୍ରତ ବେହେରା, ପୌରସଂସ୍ଥା ଅତିରିକ୍ତ ନିର୍ବାହୀ ଅଧକାରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ଦାଶ କହିଥିଲେ, ସରକାର କୌଣସି ବିସ୍ଥାପିତଙ୍କୁ ଅସନ୍ତୁଷ୍ଟ କରିବେ ନାହିଁ। ସେମାନଙ୍କ ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରିବେ। ବର୍ତ୍ତମାନ ପର୍ଯ୍ୟନ୍ତ ସେମାନେ ଯେଉଁଭଳି ସହଯୋଗ କରିଆସିଛନ୍ତି ଆଗକୁ ସେହିଭଳି ସହଯୋଗ କରିବା ଲାଗି ଅତିରିକ୍ତ ଜିଲାପାଳ ଅନୁରୋଧ କରିଛନ୍ତି। ଶାନ୍ତିଶୃଙ୍ଖଳାର ସହ ଶୁଣାଣି ସରିଥିବାରୁ ଜିଲାପାଳ ବଲୱନ୍ତ ସିଂ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଅଂଶୁପ୍ରଜ୍ଞାଙ୍କୁ 'ଆର୍ଥ ହିରୋ' ପୁରସ୍କାର

**ଭୁବନେଶ୍ୱର, ୯।୧୦(ବ୍ୟୁରୋ)**



ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ମହାନଦୀ ବନ୍ୟପ୍ରାଣୀ ଡିଭିଜନର ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ଶୁକ୍ରବାର ନାଟ୍‌ୱେଷ୍ଟ ଗ୍ରୁପ୍ ଇଣ୍ଡିଆ ଆର୍ଥ ହିରୋ ପୁରସ୍କାର ପାଇଛନ୍ତି। 'ଜୈବ ବିବିଧତା ଓ ନିରନ୍ତର ବିକାଶ' ଆଧାରିତ ବିଷୟବସ୍ତୁ ଉପରେ ସେ ଏହି ପୁରସ୍କାର ପାଇଛନ୍ତି। ବାଘର ବାସସ୍ଥାନ ସୁରକ୍ଷା, ମହାନଦୀ କୂଳରେ ଘଡ଼ିଆଳର ପୁନଃରୁଦ୍ଧାର, ସ୍ଥାନୀୟ ଲୋକଙ୍କୁ ନେଇ ଇକୋଟୁରିଜିମ୍ ଆଦି ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କ ନାମ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଭର୍ଚୁଆଲ ଉତ୍ସବରେ ଅଂଶୁପ୍ରଜ୍ଞାଙ୍କ ସମେତ ମୋଟ ୮ଜଣଙ୍କୁ ଏହି ପୁରସ୍କାର ଦିଆଯାଇଛି।

## ଦିନକରେ ୨,୬୯୭ ଆକ୍ରାନ୍ତ, ୧୭ ମୃତ

**ଭୁବନେଶ୍ୱର, ୯।୧୦(ବ୍ୟୁରୋ)**

ରାଜ୍ୟରେ ଏବେ କରୋନା ସଂକ୍ରମିତ ସଂଖ୍ୟା କମୁଥିବାବେଳେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଶେଷ ୨୪ ଘଣ୍ଟାରେ ଆଉ ୧୭ ଜଣଙ୍କର ମୃତ୍ୟୁ ହୋଇଛି। ଫଳରେ ରାଜ୍ୟରେ ଏବେ କରୋନାଜନିତ ମୃତ୍ୟୁ ୯୯୧କୁ ବୃଦ୍ଧି ପାଇଛି। ତେବେ ଜାତୀୟ ହାର ତୁଳନାରେ ଓଡ଼ିଶାରେ ମୃତ୍ୟୁ ସଂଖ୍ୟା କମ୍ ରହିଥିବା ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି। ଅନ୍ୟପଟେ ରାଜ୍ୟରେ ୨,୬୯୭ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧,୫୭୬ ଜଣଙ୍କୁ କ୍ୱାରେଣ୍ଟାଇନ ସେଣ୍ଟରରୁ ଚିହ୍ନଟ କରାଯାଇଥିବାବେଳେ ୧,୧୨୧ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ଜଣାପଡ଼ିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୪୮୨ଜଣ ଥିବାବେଳେ କଟକ ୨୩୪, ନୂଆପଡ଼ା ୧୫୩, ମୟୂରଭଞ୍ଜ ୧୩୪, ସୁନ୍ଦରଗଡ଼ ୧୨୦, ଯାଜପୁର ୧୧୮, ବାଲେଶ୍ୱର ୧୧୫, ଅନୁଗୋଳ ଓ ସମ୍ବଲପୁରରୁ ୧୦୭ଜଣ ଲେଖାଏ ରହିଛନ୍ତି। ଅନ୍ୟସବୁ ଜିଲାରେ ନୂଆ ସଂକ୍ରମିତ ସଂଖ୍ୟା ଶହେ ତଳକୁ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୨,୪୬,୮୩୯କୁ ବୃଦ୍ଧି ପାଇଛି। ଅନ୍ୟପଟେ ଶୁକ୍ରବାର ଆଉ ୩,୪୦୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ଆରୋଗ୍ୟ ସଂଖ୍ୟା୨,୨୦,୩୮୮ରେ ପହଞ୍ଚିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡ଼ିଛି।

## ଚୌଦ୍ୱାର ବନ୍ଦ ଶାନ୍ତିପୂର୍ଣ୍ଣ

**ଚୌଦ୍ୱାର,୯।୧୦(ଡି.ଏନ୍.ଏ.)**

୫୫ନଂ ଜାତୀୟ ରାଜପଥର ମଙ୍ଗୁଳିଠାରୁ ଦେବୀନଗରଗଡ଼ା ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟର ମନ୍ଥରତା ପ୍ରତିବାଦରେ ଚୌଦ୍ୱାର ଜାଗରଣ ମଞ୍ଚ ତରଫରୁ ଶୁକ୍ରବାର ଦିଆଯାଇଥିବା ୧୨ଘଣ୍ଟିଆ ବନ୍ଦ ଡାକରା ସଫଳ ହୋଇଛି। ଜନ ଜାଗରଣ ମଞ୍ଚର କର୍ମକର୍ତ୍ତାମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୋଭାଯାତ୍ରା କରି ଗାନ୍ଧୀଛକସ୍ଥିତ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ଆଗରେ ଧାରଣା ଦେଇଥିଲେ। ଖବରପାଇ ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି ଆନ୍ଦୋଳନକାରୀଙ୍କ ମଧ୍ୟରୁ କେତେଜଣଙ୍କୁ ଥାନାକୁ ନେଇ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକାଦାର ସଂସ୍ଥାର କର୍ମକର୍ତ୍ତାଙ୍କ ସହ ଏକ ବୈଠକ ଆୟୋଜନ କରିଥିଲେ। ୧୫ଦିନ ମଧ୍ୟରେ ରାଜପଥର ମୂଳ ରାସ୍ତାର ମରାମତି, ୬ମାସ ମଧ୍ୟରେ ସର୍ଭିସ୍ ରୋଡ୍ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଠିକାସଂସ୍ଥା ତରଫରୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ଓହରିଥିଲେ। ଠିକା ସଂସ୍ଥାର ସୀମାଞ୍ଚଳ ମହାନ୍ତି, କୈଳାସ ଚନ୍ଦ୍ର ସାହୁ, ଅମରନାଥ ଦାସ ଓ ଜାଗରଣ ମଞ୍ଚ ପ୍ରତିନିଧି ବିଷ୍ଣୁଚରଣ ପରିଡ଼ା, ବିଜୟ ବେହେରା, କରୁଣାକର ସାହୁ ପ୍ରମୁଖ ଆଲୋଚନାରେ ସାମିଲ ଥିଲେ।

## ସାମାଜିକ ବାସନ୍ଦ ବିରୋଧରେ ଏସ୍‌ପିଙ୍କୁ ଫେରାଦ

**ପୁରୀ ଅଫିସ,୯।୧୦:**

ସାମାଜିକ ବାସନ୍ଦକୁ ବିରୋଧ କରି ଗଡ଼ିଶାଗଦା ଥାନା ଅନ୍ତର୍ଗତ ବଡ଼ଓରା ଗ୍ରାମର ସୁଷମା ସାହୁ ଶୁକ୍ରବାର ଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି। ସେ ଏସ୍‌ପିଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଗ୍ରାମଦେବୀଙ୍କ ମନ୍ଦିରକୁ ରାସ୍ତା କରିବା ବାହାନାରେ ତାଙ୍କ ପକ୍କା ଘରକୁ ଭାଙ୍ଗିବା ଲାଗି ଷଡ଼ଯନ୍ତ୍ର କରାଯାଇଛି। କିନ୍ତୁ ଜଣେ ଜନପ୍ରତିନିଧି ତାଙ୍କ ଘରକୁ ନୂଆ ରାସ୍ତା ନିର୍ମାଣ କରିବା ହେଉଛି ପ୍ରକୃତ ଉଦ୍ଦେଶ୍ୟ। ଏ ନେଇ କୋର୍ଟରେ ମାମଲା ବିଚାରାଧୀନ ଥିବା ସହ ସ୍ଥିତାବସ୍ଥା ଜାରି କରାଯାଇଛି। ଏହାକୁ କେନ୍ଦ୍ରକରି ତାଙ୍କ ପରିବାରକୁ ଗତ ଅଗଷ୍ଟ ମାସରୁ ସାମାଜିକ ବାସନ୍ଦ କରାଯାଇଛି। ନ୍ୟାୟ ପାଇଁ ସେ ଏସ୍‌ପିଙ୍କୁ ଗୁହାରି କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି ଅଖିଳେଶ୍ୱର ସିଂ କହିଛନ୍ତି, ସମ୍ପୃକ୍ତ ମହିଳାଙ୍କ ଅଭିଯୋଗ ମୋର ହସ୍ତଗତ ହୋଇନାହିଁ। ଯଦି ବି ସେ ଏହି ଅଭିଯୋଗ କରିଛନ୍ତି ଥାନା ଆଇଆଇସିଙ୍କ ସହ ଆଲୋଚନା କରାଯିବା ପରେ ଯାହା କିଛି ପଦକ୍ଷେପ ନିଆଯିବ।

## ନାବାଳିକାଙ୍କୁ ଟ୍ୟୁଶନ ଶିକ୍ଷକଙ୍କ ଅସଦାଚରଣ

**ଭୁବନେଶ୍ୱର,୯।୧୦(ବ୍ୟୁରୋ)**

ଇନଫୋସିଟି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଟ୍ୟୁଶନ ଶିକ୍ଷକ ଅସଦାଚରଣ କରିବା ସହ ଅଶ୍ଳୀଳ ଭିଡିଓ କରି ନାନାଦି ପ୍ରକାର ହଇରାଣ କରୁଥିଲେ। ଏ ନେଇ ପରିବାର ଲୋକ ବିରୋଧ କରିବାରୁ ସାର୍ ଜଣଙ୍କ ନାବାଳିକଙ୍କ ମା, ଭାଇ ଓ ପିଉସାଙ୍କୁ ମାଡ଼ମାରିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୩୮/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଥାନା ଅଞ୍ଚଳର ନାବଳିକା ଜଣଙ୍କ ୨୦୧୯ରେ ଉକ୍ତ ଶିକ୍ଷକ ଏମ୍.ଭେଙ୍କେଟେଶ ଆଚାର୍ଯ୍ୟଙ୍କ ନିକଟକୁ ଟ୍ୟୁଶନ ଯାଉଥିଲେ। ଶିକ୍ଷକ ବିଭିନ୍ନ ଦାମୀ ଉପହାର ଦେବା ସହ ପାନୀୟରେ ନିଶା ଦେଇ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକ ଜାଣିବା ପରେ ମାର୍ଚ୍ଚରୁ ଟ୍ୟୁଶନ ବନ୍ଦ କରିଦେଇଥିଲେ। ଫଳରେ ଭେଙ୍କେଟେଶ ତାଙ୍କ ଭିଡିଓ ଭାଇରାଲ କରିବାର ଧମକ ଦେଉଥିଲେ। ଗୁରୁବାର ସନ୍ଧ୍ୟାରେ ପରିବାର ଲୋକ ତାଙ୍କୁ ଏଭଳି କାର୍ଯ୍ୟରୁ ନିବୃତ ରହିବାକୁ କହିବାକୁ ଯାଇଥିବାବେଳେ ଗାଳିଗୁଲଜ କରି ମାଡ଼ ମାରିଥିଲେ।

**କୋଭିଡ୍ ଆଇନ ଉଲ୍ଲଂଘନ ପ୍ରସଙ୍ଗ**

## ସତ୍ୟବାଦୀ ବିଧାୟକଙ୍କ ନାଁରେ ରୁଜୁ ହେଲା ମାମଲା

**ପୁରୀ ଅଫିସ, ୯।୧୦**

ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କୋଭିଡ୍ ଆଇନ ଉଲ୍ଲଂଘନ କରିଥିବା ନେଇ ରବିବାର ସମୁଦ୍ରକୂଳ ଥାନାରେ ଅଭିଯୋଗ ହୋଇଥିଲା। ଏହି ୨ଜଣ ପଜିଟିଭ ଚିହ୍ନଟ ହୋଇଥିଲେ ହେଁ ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଶେଷକୃତ୍ୟରେ ସାମିଲ ହୋଇଥିଲେ। ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଶ୍ରୀଜଗନ୍ନାଥ ସେନା ଏବଂ ପୁରୀ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଏତଲା ଦିଆଯିବା ସହ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଗୁରୁବାର ରାଜ୍ୟପାଳଙ୍କୁ ଫେରାଦ ହୋଇଥିଲା ଶ୍ରୀଜଗନ୍ନାଥ ସେନା। ଶୁକ୍ରବାର ବିଧାୟକ ସାମନ୍ତରାୟଙ୍କ ନାଁରେ ସମୁଦ୍ରକୂଳ ଥାନାରେ ମାମଲା ରୁଜୁ ହୋଇଛି। ସରକାରଙ୍କ ଗାଇଡ୍‌ଲାଇନର ତର୍ଜମା ପରେ ମନ୍ତ୍ରୀ ଦାଶ ପଜିଟିଭ ଚିହ୍ନଟ ହେବାର ୧୭ ଦିନ ଅତିକ୍ରାନ୍ତ କରିସାରିଥିଲେ। ବିଧାୟକ ପଜିଟିଭ ଚିହ୍ନଟ ହେବାର ୧୭ ଦିନ ହୋଇ ନ ଥିବାରୁ ତାଙ୍କ ବିରୋଧରେ କେସ୍ (ନଂ.୧୬୧/୨୦) ରୁଜୁ ହୋଇଥିବା ଏସ୍‌ପି ଅଖିଳେଶ୍ୱର ସିଂ କହିଛନ୍ତି।

## ଗୋପବନ୍ଧୁ ଜୟନ୍ତୀ

**କଟକ ଅଫିସ, ୯।୧୦**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ବକ୍ସିବଜାରସ୍ଥିତ ଗୋପବନ୍ଧୁ ବାଗଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଂଘ ସଭାପତି ବିଜୟ ପଡ଼ୀହାରୀ ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କରେ ମତ ଦେଇଥିଲେ। ଉପସଭାପତି ଶ୍ରୀନିବାସ ରେଡ୍ଡି, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ, ହାଡ଼ିବନ୍ଧୁ ବେହେରା, ପ୍ରଭାସ ପ୍ରଧାନ, ବଂଶୀଧର ବେହେରା, ରଘୁ ପାଣିଗ୍ରାହୀ, ସୁରେନ୍ଦ୍ର ସାହୁ, ଉମେଶ ସାହୁ, ନିବାସ ରାଉତ ଉପସ୍ଥିତ ଥିଲେ।

# ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ


ଅଧିକାରୀମାନଙ୍କ ସହ ୫-ଟି ସଚିବ ଭି.କେ.ପାଣ୍ଡିଆନ ଆଲୋଚନା କରୁଛନ୍ତି।

**କଟକ ଅଫିସ, ୯।୧୦**

- **ଏସ୍‌ସିବିକୁ ରାସ୍ତା ସମ୍ପ୍ରସାରଣ**
- **କାର୍ଯ୍ୟ ଅନୁଧ୍ୟାନ କଲେ ୫-ଟି ସଚିବ**

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଛି। ମେଡିକାଲକୁ ସଂଯୋଗ କରୁଥିବା ରାଣୀହାଟଠାରୁ ଯୋବ୍ରା ବ୍ୟାରେଜ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ୬ ଲେନ ବିଶିଷ୍ଟ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ ହୋଇଛି। ଶୁକ୍ରବାର ଏହି କାର୍ଯ୍ୟର ସମୀକ୍ଷା କରିଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ। ଭୋର ପ୍ରାୟ ୫ଟାରେ ୫-ଟି ସଚିବ ପାଣ୍ଡିଆନ ଯୋବ୍ରା ଅଞ୍ଚଳରେ ପହଞ୍ଚିଥିଲେ। ଯୋବ୍ରାଠାରୁ ରାଣୀହାଟ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲ ଉଭୟ ପାର୍ଶ୍ୱରେ ନବନିର୍ମିତ ରାସ୍ତା କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଶନିବାର ଏହି ନୂତନ ରାସ୍ତାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍‌ଘାଟନ କରିବେ।

ଶୁକ୍ରବାର ୫-ଟି ସଚିବ ପାଣ୍ଡିଆନ୍ ସ୍ଥିତି ଅନୁଧ୍ୟାନ ସମୟରେ କଟକ ସହରର ବିକାଶ ନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସହରର ଟ୍ରାଫିକ ସମସ୍ୟା ଦୂର ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ କହିଥିଲେ। ସମସ୍ତ ମୁଖ୍ୟରାସ୍ତା ପ୍ରଶସ୍ତୀକରଣ ପାଇଁ ସର୍ଭେ କରାଯିବାକୁ ସେ ପରାମର୍ଶ ଦେଇଥିଲେ। ଏଥିମଧ୍ୟରେ ରାଣୀହାଟ-ତାଳଦଣ୍ଡା ରାସ୍ତା ମଧ୍ୟ ରହିଛି। ଏହାଦ୍ୱାରା ତାଳଦଣ୍ଡା ପାର୍ଶ୍ୱରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କର ଯେପରି ଅସୁବିଧା ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ବସ୍ତି ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଥଇଥାନ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହା ବ୍ୟତୀତ ସେ ମାଲଗୋଦାମ, ଛତ୍ରବଜାର ଆଦି ଅଞ୍ଚଳ ପରିଦର୍ଶନ କରିଥିବା ଜଣାପଡ଼ିଛି। ଏହି ସମୟରେ ତାଙ୍କ ସହ ୱାର୍କ ସେକ୍ରେଟାରି ଡ. କୃଷ୍ଣ କୁମାର, ଜିଲାପାଳ ଭାବନୀ ଶଙ୍କର ଚୟନୀ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିସିପି ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ମିଠା ଦୋକାନୀଙ୍କୁ ହତ୍ୟା ମାମଲା: ଆଉ ୫ ଗିରଫ

**ଭୁବନେଶ୍ୱର,୯।୧୦ (ବ୍ୟୁରୋ)**

ସାମନ୍ତରାପୁର ଛକରେ ମିଠା ଦୋକାନୀ ପ୍ରଭାକର ବେହେରା ହତ୍ୟା ମାମଲାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କ ନାତି ରାଜକିଶୋର ବେହେରା ଓରଫ ରାଜା ଗୁରୁବାର କୋର୍ଟରେ ଆତ୍ମସମର୍ପଣ କରିଥିବାବେଳେ ଶୁକ୍ରବାର ସମ୍ପୃକ୍ତ ଆଉ ୫ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ବଳରାମ ମିଷ୍ଟାନ ଭଣ୍ଡାର ମାଲିକ ତଥା ଧଉଳି ଥାନା ଅଧୀନ ଶିଶୁପାଳଗଡ ଦୋଳବରଡି ସାହିର ବଳାରାମ ବେହେରା (୭୪), ପୁଅ ଦିଲୀପ(୪୫), ବୋହୂ ସସ୍ମିତା (୪୧), ପୁରୀ ସମୁଦ୍ରକୂଳ ଥାନା ରେଲୱେ କଲୋନୀରେ ରହୁଥିବା ଡେଲାଙ୍ଗ ଜାରକା ଗ୍ରାମର ବିଶ୍ୱଜିତ ବାରିକ(୨୬) ଓ ଏୟାରଫିଲ୍ଡ ଥାନା ଅଧୀନ ଭୀମଟାଙ୍ଗୀ ଲେନ-୧ ନିବାସୀ ରଶ୍ମୀ ରଞ୍ଜନ ବାରିକ (୨୫)। ବିଶ୍ୱଜିତ ଓ ରଶ୍ମୀରଞ୍ଜନ ମୁଖ୍ୟଷଡ଼ଯନ୍ତ୍ରକାରୀଙ୍କୁ ଘରେ ଆଶ୍ରୟ ଦେଇଥିଲେ। ଏପଟେ ଅଭିଯୁକ୍ତ ରାଜାକୁ ୭ଦିନି ରିମାଣ୍ଡରେ ନେବାକୁ ପୋଲିସ କୋର୍ଟରେ ଆବେଦନ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗତ ୪ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲା।

## 'ମୋ ସାଇକେଲ' ଦାୟିତ୍ୱ ନେଲା ବିଏମ୍‌ସି

**ଭୁବନେଶ୍ୱର,୯।୧୦(ବ୍ୟୁରୋ)-** 'ମୋ ସାଇକେଲ'ର ପରିଚାଳନା ଦାୟିତ୍ୱ ନେଲା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। ସ୍ମାର୍ଟ ସିଟି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ କ୍ୟାପିଟାଲ୍ ରିଜିଓନ୍ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍) ହାତରୁ ମୋ ସାଇକେଲ୍‌ର ପରିଚାଳନା ଦାୟିତ୍ୱ ହଠାତ୍ ହଟାଇ ଦିଆଯିବା ପରେ ନାନା ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। 'ମୋ ସାଇକେଲ୍'ର ରକ୍ଷଣାବେକ୍ଷଣକୁ ନେଇ ଅନେକ ପ୍ରଶ୍ନ ଉଠିବାରୁ ସ୍ମାର୍ଟସିଟି ଏଭଳି ପଦକ୍ଷେପ ନେଇଛି। ଭୁବନେଶ୍ୱରବାସୀ ଆଗକୁ ସାଇକେଲ୍ ପ୍ରତି ଅଧିକ ଆକୃଷ୍ଟ ହେବେ ସେନେଇ ବିଏମ୍‌ସି ବିଭିନ୍ନ ପଦକ୍ଷେପ ନେବ ବୋଲି ସୂଚନା ଦେଇଛି।


କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବକ୍ସିବଜାରସ୍ଥିତ ଗୋପବନ୍ଧୁବାଗଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ କରାଯାଉଛି।



ଉତ୍କଳମଣିଙ୍କ ଜୟନ୍ତୀରେ ଶୁକ୍ରବାର ଭୁବନେଶ୍ୱର ଗୋପବନ୍ଧୁଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା।

